# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 28 July– 2026

## ନୀଳାଦ୍ରି ବିଜେ

ଶ୍ରୀକ୍ଷେତ୍ର ପୁରୀରେ ନବଦିନାତ୍ମକ ଯାତ୍ରା ଶେଷ କରି ଚତୁର୍ଦ୍ଧାମୂର୍ତ୍ତି ନୀଳାଦ୍ରିବିଜେ କରିଛନ୍ତି । ରଥ ଉପରେ ଗତକାଲି ସଂଧ୍ୟାଧୂପ ନୀତି ଶେଷ ହେବା ପରେ ଗୋଟି ପହଣ୍ଡିରେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ବିଜେ କରାଯାଇଥିଲା । ପରେ ପ୍ରଭୁ ସୁଦର୍ଶନ, ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରାଯାଇ ରତ୍ନବେଦୀକୁ ବିଜେ କରାଯାଇଥିଲା । ମହାଲକ୍ଷ୍ମୀଙ୍କ ସହ ବଚନିକା ପରେ ପ୍ରଭୁ ଜଗନ୍ନାଥ ରସଗୋଲା ଓ ପାଟବସ୍ତ୍ର ଦେଇ ମା'ଙ୍କ ମାନଭଞ୍ଜନ କରିଥିଲେ । ରତ୍ନବେଦୀରେ ବିଭିନ୍ନ ନୀତିକାନ୍ତି ସମ୍ପନ ହୋଇଥିଲା । ଆଜି ଶ୍ରୀମନ୍ଦିରରେ ନବଦିନାତ୍ମକ ଯାତ୍ରା ପରେ ପ୍ରଥମ ମହାପ୍ରସାଦ ବାହାରିବ ବୋଲି ଜଣାପଡିଛି ।

## ମୁଖ୍ୟମନ୍ତ୍ରୀ

କନ୍ଧମାଳ ଜିଲ୍ଲା ଫୁଲବାଣୀସ୍ଥିତ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନାମରେ ନାମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏଥିସହିତ ଜଲେସପଟାରେ ଥିବା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଆଶ୍ରମ, ବିଦ୍ୟାଳୟ ଓ କନ୍ୟାଶ୍ରମର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା

ପାଣ୍ଠିରୁ ୧୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏହି ଅର୍ଥରେ ଆଶ୍ରମର ଐତିହ୍ୟକୁ ସୁରକ୍ଷିତ ରଖିବା ସହ ଏକ ୩୦୦ ଆସନ ବିଶିଷ୍ଟ ଛାତ୍ରୀ ନିବାସ ପ୍ରତିଷ୍ଠା କରାଯିବ । ଆଶ୍ରମ, ସ୍କୁଲ ଏବଂ କନ୍ୟାଶ୍ରମ ଛାତ୍ରୀ ନିବାସକୁ ଜଳଯୋଗାଣ ପାଇଁ ୬୦ଲକ୍ଷ ଟଙ୍କା ବ୍ୟୟରେ ଏକ ମେଗା ରିଭରଲିଫ୍ଟ ପ୍ରକଳ୍ପ ମଧ୍ୟ କାର୍ଯ୍ୟକାରୀ କରାଯିବ ।

# ମୁଖ୍ୟମନ୍ତ୍ରୀ-ତଦନ୍ତ ନିର୍ଦ୍ଦେଶ

ମୁଖ୍ୟମନ୍ତ୍ରୀ' ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ସମ୍ପର୍କିତ ନାଇଡୁ କମିଶନଙ୍କ ଫାଇଲ ଚୋରି ଘଟଣା ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏ ସମ୍ପର୍କିତ ଫାଇଲ ନ ମିଳିବା ପରେ କ୍ରାଇମବ୍ରାଞ୍ଚକୁ ତଦନ୍ତଭାର ଦିଆଯାଇଛି ।

# ଓଏନ୍‌ଜିସି-ପ୍ରକ୍ରିୟା ଆରମ୍ଭ

ମହାନଦୀ ଉପକୂଳ ସମୁଦ୍ର ବେସିନରେ ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ ନିଗମ- ଓଏନ୍‌ଜିସି ପ୍ରଥମ ଗଭୀରଜଳ ଅନ୍ୱେଷଣ ଡ୍ରିଲିଂ ପ୍ରକ୍ରିୟା ଆରମ୍ଭ କରିଛି । ରାଷ୍ଟ୍ରୀୟ ସମୁଦ୍ର ମନ୍ଥନ ଅଭିଯାନ ଅଧୀନରେ ପ୍ରସ୍ତାବିତ ୪ଟି ଗଭୀର ଜଳ ଅନ୍ୱେଷଣ ଡ୍ରିଲିଂ କାର୍ଯ୍ୟକ୍ରମର ଏହା ପ୍ରଥମ ପର୍ଯ୍ୟାୟ । ଏନେଇ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ଘୋଷଣା କରଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଦେଶର ଶକ୍ତି ସୁରକ୍ଷା ଓ ଆତ୍ମନିର୍ଭରଶୀଳତା ଅଭିଯାନରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ କେନ୍ଦ୍ର ଭାବେ ଉଭା ହୋଇଛି । ଏହି ପଦକ୍ଷେପ ଓଡ଼ିଶା ଉପକୂଳରେ ଥିବା ବିପୁଳ ହାଇଡ୍ରୋ କାର୍ବନ ସମ୍ଭାବନାର ଅନ୍ୱେଷଣ

ଦିଗରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

## ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସନ୍ତାମାସ ୯ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ କରାଯିବ । ଏହି ସମୟରେ ଜାତୀୟପତାକା ଉତ୍ତୋଳନ ଓ ପ୍ରଦର୍ଶନ ସହ ବନ୍ଦେ ମାତରମ୍ର ସମବେତ ଗାନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ' ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ପତ୍ର ଲେଖାଯାଇଛି । ରାଜ୍ୟର ସମସ୍ତ  ସରକାରୀ ବିଭାଗ, ଜିଲ୍ଲା ପ୍ରଶାସନ, ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ସଂସ୍ଥାର ସକ୍ରିୟ ଅଂଶଗ୍ରହଣ ଉପରେ ଗୁରୁତ୍ୱ ଦେବାକୁ ପତ୍ରରେ ଉଲ୍ଲେଖ ରହିଛି ।

## ଓଏସ୍ଏସ୍ଟିଇଟି ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା-ଓଏସ୍ଏସ୍ଟିଇଟି ଆସନ୍ତା ସେପ୍ଟେମ୍ବର ମାସ ୩୦ ତାରିଖରେ ଅନୁଷ୍ଠିତ ହେବ । ସୂଚନା ଅନୁଯାୟୀ ସକାଳ ୯ଟାରୁ ୧୧ଟା ୩୦ମିନିଟ୍ ପର୍ଯ୍ୟନ୍ତ ଗୋଟିଏ ସିଟିଂରେ ପରୀକ୍ଷା ହେବ ।

## ଛାତ୍ରବୃତ୍ତି ଆବେଦନ

ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ପ୍ରାକ୍ ମାଟ୍ରିକ ଓ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ଆସନ୍ତାକାଲିଠାରୁ ଆବେଦନ ଆରମ୍ଭ ହେବ । ଛାତ୍ରଛାତ୍ରୀ ସେପ୍ଟେମ୍ବର ୨୯ ତାରିଖ ପର୍ଯ୍ୟନ୍ତ ଏଥିଲାଗି ଆବେଦନ କରିପାରିବେ ।

## ହେପାଟାଇଟ୍ସ ଦିବସ

ଯକୃତ ବା ଲିଭର୍ ରୋଗ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ହେପାଟାଇଟ୍ସ ଦିବସ ପାଳନ କରାଯାଉଛି । ୨୦୧୦ ମସିହାରୁ ଏହି ଦିବସ ପାଳନ ହୋଇଆସୁଛି । ଚଳିତବର୍ଷ ହେପାଟାଇଟ୍ସ ଦିବସର ବାର୍ତ୍ତା ହେଉଛି "ହେପାଇଟାଇଟ୍ସକୁ ପ୍ରତିହତ କରିବା ପାଇଁ ପଦକ୍ଷେପ ନେବା" ।

ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ମଧ୍ୟ ଆଜି ପାଳନ କରାଯାଉଛି । ପ୍ରାକୃତିକ ପରିବେଶର ସୁରକ୍ଷା ସହିତ ପ୍ରାଣୀମାନଙ୍କର ସଂରକ୍ଷଣ ଲାଗି ଆଜି ଏହି ଦିବସ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ପ୍ରକୃତି ସହ ସାମଞ୍ଜସ୍ୟ ରକ୍ଷା କରି ସ୍ଥାୟୀ ଜୀବନଶୈଳୀ ଅବଲମ୍ବନ' କରିବା ।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା

ଗ୍ଲାସ୍‌ଗୋଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସଟ୍‌ଫୁଟ ପ୍ରତିଯୋଗିତାରେ ଭାରତର ପାରା କ୍ରୀଡ଼ାବିତ୍ ଶର୍ମିଳା ଧନକର ସ୍ୱର୍ଣ୍ଣପଦକ ଜିତିଛନ୍ତି । ଭାରୋତ୍ତୋଳନରେ ମଧ୍ୟ ଦେଶ ବିଶେଷ ସଫଳତା ହାସଲ

କରିଛି । ୫୩ କେଜି ବର୍ଗରେ ଜ୍ଞାନେଶ୍ୱରୀ ଯାଦବ ଏବଂ ୬୫କେଜି ବର୍ଗରେ ରାଜା ମୁଥୁପାଣ୍ଡି ରୌପ୍ୟପଦକ ଜିତିଛନ୍ତି । ସେହିଭଳି ୫୮ କେଜି ବର୍ଗରେ ବିଦ୍ୟାରାଣୀ ଦେବୀ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ପୁରୁଷ ହାଇଜମ୍ପରେ ସର୍ବେସ କୁଶାରେ ରୌପ୍ୟ ପଦକ ଜିତିଛନ୍ତି ।

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ପଶ୍ଚିମ-ଉତ୍ତର ଓଡ଼ିଶା ସଂଲଗ୍ନ ଅଞ୍ଚଳରେ ସକ୍ରିୟ ଗଭୀର ଅବପାତର ପ୍ରଭାବରେ ରାଜ୍ୟରେ  ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଗଭୀର ଅବପାତ ଉତ୍ତର ଦିଗକୁ ଗତି କରି ସାଗରଦ୍ୱୀପ ନିକଟ ଦେଇ ବାଲେଶ୍ୱର ହଳଦିଆ ପାର୍ଶ୍ୱପର୍ତ୍ତୀ ପଶ୍ଚିମବଙ୍ଗ-ଉତ୍ତରଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି । ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

## ହୀରାକୁଦ ଜଳଭଣ୍ଡାର

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ସକାଳ ୬ଟା ସୁଦ୍ଧା ୬୧୨ ଦଶମିକ ୭/୫ ଘନଫୁଟରହିଛି । ବର୍ତ୍ତମାନ ଜଳଭଣ୍ଡାରର ୨ଟି ଗେଟ୍‌ଦେଇ ଜଳ ନିଷ୍କାସିତ ହେଉଛି ।

ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ ତିଖାଲି ନିମ୍ନ ଇନ୍ଦ୍ର ଜଳସେଚନ ପ୍ରକଳ୍ପରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସିତ ହୋଇଛି । ତିଖାଲି ଜଳସେଚନ ପ୍ରକଳ୍ପର ଜଳଧାରଣ କ୍ଷମତା ୨୬୫ ମିଟର ରହିଛି ।